ଶନିବାର, ୨୭ ଜୁଲାଇ, ୨୦୨୪

# ପିଲାଙ୍କ ଧରିତ୍ରୀ



# ଉପସ୍ଥିତ ବୁଦ୍ଧି



ଗପ

ଜଙ୍ଗଲରେ ସିଂହ ରାଜାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଥାଏ। ଯେତେବେଳେ ଯାହାକୁ ଇଚ୍ଛା ମାରିଦେବା, ପ୍ରାଣୀଙ୍କୁ ନାନା ଦଣ୍ଡ ଦେଇ ହଇରାଣ କରିବା ଆଦି ତା'ର ଅଭ୍ୟାସ ହୋଇ ସାରିଥାଏ। ରାଜାଙ୍କ ପତ୍ନୀ ମଧ୍ୟ ଏହି ଗୁଣ ପାଇଁ ଅତିଷ୍ଠ ହୋଇ ପଡିଥିଲେ। ସହିବାର ସୀମା ପାରହେବାରୁ ସେ ଦିନେ ରାଜାଙ୍କୁ ଯାଇ କହିଲେ, "ମହାରାଜ ଯଦି ଦଣ୍ଡ ନ ଦେବେ, ତାହେଲେ ମନକଥା କହିବି। ମହାରାଜାଙ୍କ ସମ୍ମତି ପାଇ କହିଲେ ଆପଣଙ୍କ କ୍ରୋଧୀ ସ୍ୱଭାବରେ ଜଙ୍ଗଲବାସୀ ଅତିଷ୍ଠ ହେଲେଣି। ଭୟରେ କେହି କିଛି କହିପାରୁ ନାହାନ୍ତି, ହେଲେ ପଛରେ ନିନ୍ଦା କରୁଛନ୍ତି।"

ସିଂହ ଏକଥା ଶୁଣି ବହୁତ ରାଗିଗଲା, ହେଲେ ପତ୍ନୀକୁ ତ ଆଗରୁ ଅଭୟ ପ୍ରଦାନ କରିସାରିଛି, ତେଣୁ ଚୁପ୍ ରହିଲା। ନିଷ୍ପତ୍ତି ନେଲା ଯେ ଜଙ୍ଗଲର ତିନି ପ୍ରାଣୀଙ୍କ ପାଖକୁ ଯାଇ ଏ ବିଷୟରେ ପଚାରିବ। ପ୍ରଥମେ ଦେଖାକଲା ହରିଣକୁ। ବିନୟଭାବେ ହରିଣ ସିଂହ ରାଜାଙ୍କ ବିଷୟରେ କୁହାଯାଉଥିବା ସବୁ କଥା ସତ ବୋଲି ମାନିଗଲା। ହରିଣର କଥା ଶୁଣି ସିଂହ ରାଗିଯାଇ ସେହିଠାରେ ତାକୁ ଜୀବନରୁ ମାରିଦେଲା। ତା' ପରେ ଗଲା ଚାଲାକ୍ କୋକିଶିଆଳି ପାଖକୁ। ତାକୁ ମଧ୍ୟ ସମାନ ପ୍ରଶ୍ନ ପଚାରି ଉତ୍ତର ପାଇଁ ଅପେକ୍ଷା କଲା। କୋକିଶିଆଳି ମନେ ମନେ ନିଜକୁ ଭାରି ଚାଲାକ ଭାବି କହିଲା, ମହାରାଜ, ଯେଉଁମାନେ ଆପଣଙ୍କ ପଛରେ ମିଛକଥା ସବୁ ପ୍ରଚାର କରୁଛନ୍ତି ସେମାନଙ୍କୁ ଏଇ ଜଙ୍ଗଲରୁ ବାହାର କରିଦେବା ଉଚିତ। କ୍ରୋଧ କରିବା, ଦଣ୍ଡ ଦେବା ଏସବୁ ତ ଜଣେ ପରାକ୍ରମୀ ରାଜାର ଲକ୍ଷଣ। ଆପଣ ଯଦି ଏସବୁ ନ କରିବେ, ପ୍ରାଣୀମାନେ ଆପଣଙ୍କୁ ମାନିବେ ନାହିଁ। ସିଂହ ଜାଣିପାରିଲା ଚାଲାକ୍ କୋକିଶିଆଳି ତାକୁ ଖୁସି କରିବା ପାଇଁ ତା'ର ମିଛ ପ୍ରଶଂସା କରୁଛି। କ୍ଷଣେ ବିଳମ୍ବ ନ କରି ସେ କୋକିଶିଆଳିକୁ ମଧ୍ୟ ନିଜ ଶକ୍ତ ପଞ୍ଝାରେ ରାମ୍ପୁଡ଼ି ମାରିଦେଲା। ଶେଷରେ ଗଲା ଚତୁର ବିଲୁଆ ପାଖକୁ। ବିଲୁଆ ସିଂହରାଜାର ପ୍ରଶ୍ନ ଶୁଣି ପ୍ରମାଦ ଗଣିଲା। ସତ କହିଲେ ଜୀବନ ଯିବ, ମିଛ କହିଲେ ବି ରାଜା ଜାଣିଦେବାର ଭୟ! ଏତିକିବେଳେ ବିଲୁଆ ମୁଣ୍ଡକୁ ଗୋଟିଏ ଉପାୟ ଜୁଟିଲା। ସେ ଭିତରୁ ତା'ର ସ୍ତ୍ରୀକୁ ଡାକିଆଣି ତା' କାନରେ ଫୁସ୍‌ଫୁସ୍ କରି କିଛି କଥା କହିଲା। ରାଜା ଏଣେ ରାଗରେ ଅସମ୍ଭାଳ ହେଲେଣି। ବିଲୁଆ ଡେରି କରୁଛି ଜାଣି ଭୟଙ୍କର ଗର୍ଜନ କରିବାକୁ ଉଦ୍ୟତ ହୁଅନ୍ତେ ବିଲୁଆ ସ୍ତ୍ରୀ କହିଲା, 'ମହାରାଜ, କ୍ରୋଧ କରନ୍ତୁ ନାହିଁ, ମୋ ସ୍ୱାମୀ ଗୋଟିଏ ମାସ ପାଇଁ ମୌନ ବ୍ରତ ଧାରଣ କରିଛନ୍ତି, ତେଣୁ ଆପଣଙ୍କ ପ୍ରଶ୍ନର ଉତ୍ତର ଦେଇପାରିବେ ନାହିଁ।' ବିଲୁଆ ଓ ତା'ର ସ୍ତ୍ରୀ ହାତଯୋଡ଼ି କ୍ଷମା ମୁଦ୍ରାରେ ଛିଡାହେଲେ।

ସିଂହ ପାଖରେ ଆଉ କିଛି ଉପାୟ ନ ଥିଲା। ଉତ୍ତର ନ ପାଇ ସେ ନୀରବରେ ନିଜ ଗୁମ୍ଫାକୁ ଫେରିଗଲା। ସେହିଭଳି ପରିସ୍ଥିତିରେ ବିଲୁଆ ଯଦି କିଛି ବି ମତାମତ ଦେଇଥାନ୍ତା ନିଶ୍ଚୟ ମୃତ୍ୟୁମୁଖରେ ପଡିଥାନ୍ତା। ତେଣୁ ନୀରବ ରହି ସେ ଠିକ୍ ନିଷ୍ପତ୍ତି ନେଲା। କାହାଣୀରୁ ଆମକୁ ଏହି ଶିକ୍ଷା ମିଳେ ଯେ କୌଣସି ଜଟିଳ ପରିସ୍ଥିତିରେ ହଠାତ୍ କିଛି ଚିନ୍ତା ନ କରି ମତାମତ ରଖିବା ଠିକ୍ ନୁହେଁ। ପ୍ରଥମେ ପରିସ୍ଥିତିକୁ ଲକ୍ଷ୍ୟ କରି ସେହି ଅନୁସାରେ ପଦକ୍ଷେପ ନେବା ହିଁ ବୁଦ୍ଧିମାନ ବ୍ୟକ୍ତିର କାମ।

**– ଶ୍ରୁତକୀର୍ତ୍ତି ତ୍ରିପାଠୀ, ଭୁବନେଶ୍ୱର**
ମୋ: ୬୩୭୦୫୧୬୪୭୮



## ଖିଲି ଖିଲି ହସ

ରାଘବ ଚା' ଦୋକାନକୁ ଯାଇ କହିଲା ଭାଇ, କପେ ଚା' ଦିଅ।
ଦୋକାନୀ: ଭାଇ, ଚା' ଦେଇହେବନି।
ରାଘବ: କାଇଁ ?
ଦୋକାନୀ: କ୍ଷୀର ଫାଟିଯାଇଛି।
ରାଘବ ଫାଟିଯାଇଥିବା ସେହି କ୍ଷୀରକୁ ଧରି ଟେଲର ଦୋକାନକୁ ଯାଇ କହିଲା– ଭାଇ କ୍ଷୀର ଫାଟିଯାଇଛି, ତାକୁ ଟିକେ ସିଲେଇ କରିଦିଅ।

ରାଜୁ ବୋତଲରେ କିଛି ଆଣି ବିଜୁକୁ ଦେଇ କହିଲା– ଭାଇ, ଟିକେ ଚାଖିକି କହିଲ କେମିତି ଲାଗୁଛି ?
ବିଜୁ: ଟିକେ ଲୁଣିଆ ଲାଗୁଛି।
ରାଜୁ ପୁଣି ଅଜୁକୁ ସେ ବୋତଲରେ ଥିବା ପାଣିକୁ ଦେଇ କହିଲା: ଭାଇ ଚାଖିଲୁ, ଏଥିରେ ଥିବା ଜିନିଷଟି କେମିତି ଲାଗୁଛି ଲୁଣିଆ ନା ମିଠା ?
ଅଜୁ: ଲୁଣିଆ ଲାଗୁଛି।
ତା'ପରେ ସେହି ପାଣି ଅର୍ଥାତ୍ ପରିସ୍ରାକୁ ନେଇ ରାଜୁ ଡାକ୍ତରଙ୍କ ନିକଟକୁ ଯାଇ କହିଲା, 'ଡାକ୍ତରବାବୁ , ଆପଣ କହିଥିଲେ ଜଣଙ୍କ ପାଖରୁ ପରିସ୍ରା ଟେଷ୍ଟ କରି ଆଣିବା ପାଇଁ। ହେଲେ ମୁଁ ଦୁଇ ଜଣଙ୍କ ପାଖରୁ ଏହାକୁ ଟେଷ୍ଟ କରିଆଣିଛି। ସେମାନେ କହିଲେ ପୂରା ଲୁଣିଆ ବୋଲି। ଏବେ ଏଥିରେ ସୁଗାର ଅଛି କି ନାହିଁ ତାହା କେବଳ ଆପଣ ପରୀକ୍ଷା କରନ୍ତୁ।

## ମତାମତ

▶▶ ଗଳ୍ପରେ 'ପଥର ହେଲା ପ୍ରତିମା'ରୁ ଜାଣିହେଲା କିପରି ପଥରଟିଏ ପ୍ରତିମା ହୋଇପାରେ, ସେ ସମ୍ପର୍କରେ ତଥ୍ୟ ମିଳିପାରିଲା।

**– ମୃତ୍ୟୁଞ୍ଜୟ ମହାପାତ୍ର, ଭଣ୍ଡାରିପୋଖରୀ, ଭଦ୍ରକ**


▶▶ 'ସଫଳତା ପାଇଁ' ପାଠଟିରୁ ଜାଣିହେଲା ଜୀବନରେ ଯଦି ସଫଳତା ପାଇବାକୁ ଅଛି, ତେବେ କ'ଣ କରିବାକୁ ହେବ।

**–ଜଗନ ମହାନ୍ତି, କେନ୍ଦୁଝର**

▶▶ ଗିନିଜ୍ ୱାର୍ଲ୍ଡ ରେକର୍ଡରେ 'ରୋଷେଇରେ ରେକର୍ଡ' ପାଠଟି ପଢ଼ି ଜାଣିହେଲା ଯେ ନିଷ୍ଠା ଥିଲେ କୌଣସି ବି କାମ ସହଜ ହୋଇଥାଏ।

**–ମିଟୁନ୍ ସ୍ୱାଇଁ, ବାଲିକୁଦା, ଜଗତ୍‌ସିଂହପୁର**

## ରଙ୍ଗ ଦିଅ



## ବାରମ୍ବାର ଛିଙ୍କ ହେଲେ...

ବେଳେବେଳେ ଥଣ୍ଡା ଶର୍ଦ୍ଦି ନ ଥାଇ ବି ବାରମ୍ବାର ଛିଙ୍କ ହୋଇଥାଏ। ଆୟୁର୍ବେଦ ଅନୁସାରେ ଏଭଳି ଛିଙ୍କ ଆସିବା ହୁଏତ ଅନ୍ୟ କିଛି ରୋଗର ଲକ୍ଷଣ ହୋଇପାରେ। ଆଲର୍ଜୀ ହେଲେ ବି ଛିଙ୍କ ଆସେ। ଏଭଳି ଲକ୍ଷଣ ଥିଲେ ଜାଣିବାକୁ ହେବ କି ଶରୀରରେ ଇମ୍ୟୁନିଟି କମ୍ ରହିଛି। ତେଣୁ କିଛି ଘରୋଇ ଉପାୟ ଆପଣାଇ ଛିଙ୍କ ଦୂର କରିହେବ।

**କାରଣ–**

ପାଣିପାଗରେ ପରିବର୍ତ୍ତନ, କୌଣସି ଔଷଧ କିମ୍ବା ସ୍ପ୍ରେ, ପ୍ରଦୂଷଣ, ଧୂଳିମାଟି ଓ ଧୂଆଁ ହେବା ଏବଂ କୌଣସି ପ୍ରକାରର ଔଷଧର ପାର୍ଶ୍ୱପ୍ରତିକ୍ରିୟାସ୍ୱରୂପ ବେଳେବେଳେ ଛିଙ୍କ ହୋଇଥାଏ।

**ଲକ୍ଷଣ–**

ବାରମ୍ବାର ଛିଙ୍କ ହେଲେ ଆଖି ଲାଲ୍ ହୋଇଯିବା, ନାକରୁ ପାଣି ବୋହିବା, ନାକ କୁଣ୍ଡାଇ ହେବା, ମୁଣ୍ଡ ବିନ୍ଧିବା ଓ ଚିଡିଚିଡାପଣ ଭଳି ବିଭିନ୍ନ ଲକ୍ଷଣ ଦେଖା ଦେଇଥାଏ।

**ପ୍ରତିକାର–**

✪ଛିଙ୍କରୁ ତୁରନ୍ତ ମୁକ୍ତି ପାଇବାକୁ ଚାହୁଁଥିଲେ ୧ ଗ୍ଲାସ ଗରମ ପାଣିରେ ୧ ଚାମଚ ମହୁ ଓ ଡାଳଚିନି ଗୁଣ୍ଡ ୧ ଚାମଚ ମିଶାଇ ପିଅନ୍ତୁ।

✪ବହୁ ସମୟ ଧରି ଛିଙ୍କ ହେଉଥିଲେ ଅଦା ଓ ଗୁଡ ଖାଆନ୍ତୁ। ଖଣ୍ଡେ ଅଦା ରସରେ ଅଧା ଚାମଚ ଗୁଡ ମିଶାଇ ଖାଇ ଦିଅନ୍ତୁ। କିଛି ସମୟ ପରେ ଛିଙ୍କ କମ୍ ହୋଇଯିବ।

✪ହଳଦୀ ମଧ୍ୟ ଛିଙ୍କ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ଏଥିପାଇଁ ଗରମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ସଫଳତା ପଛରେ ପ୍ରେରଣା

**ପ୍ରତ୍ୟେକ ସଫଳତା ପଛରେ ଲୁଚି ରହିଥାଏ କାହାର ନା କାହାର ପ୍ରେରଣା। ବ୍ୟକ୍ତି ହୁଅନ୍ତୁ ଅବା କୌଣସି ଘଟଣା ପ୍ରେରଣାର ମାଧ୍ୟମ ସାଜିପାରେ। ଆଗକୁ ବଢ଼ିବା ଆଉ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଏହା ଜରୁରୀ ହୋଇଥାଏ। ପିଲାମାନେ କେଉଁଠାରୁ ପ୍ରେରଣା ପାଇ ସଫଳତାର ମାର୍ଗରେ ଅଗ୍ରସର ହୋଇପାରିବେ ସେନେଇ ଜାଣିବା ଦରକାର।**





ପ୍ରେରଣା ପାଇଲେ କୌଣସି କାମରେ ବି ସଫଳତା ସହଜରେ ମିଳିଥାଏ। ବେଳେବେଳେ କୌଣସି ବ୍ୟକ୍ତିଙ୍କଠାରୁ କିମ୍ବା କୌଣସି ଘଟଣାରୁ ପ୍ରେରଣା ମିଳିଥାଏ। ଆଉ ତା'ପରେ ଜୀବନର ସବୁ ବାଧାବିଘ୍ନକୁ ସାମ୍ନା କରି ଆଗକୁ ବଢ଼ିବା ସହଜ ହୋଇଯାଏ। ତେବେ କେଉଁଠାରୁ ପ୍ରେରଣା ମିଳିଥାଏ ସେନେଇ ପିଲାମାନେ ଜାଣିପାରିଲେ ନିଜକୁ ସେଭଳି ପରିବେଶରେ ସାମିଲ କରିପାରିବେ।

## ପରିବାର ଓ ବିଦ୍ୟାଳୟ

ପ୍ରତ୍ୟେକଙ୍କ ପାଇଁ ସେମାନଙ୍କ ପରିବାର ହିଁ ସବୁ ସଫଳତାର ପ୍ରଥମ ପ୍ରେରଣା ହୋଇଥାଏ। ଘରେ ସବୁ ଗୁରୁଜନଙ୍କ କାର୍ଯ୍ୟକଳାପ ଓ ସଫଳତାକୁ ଦେଖି ସେମାନଙ୍କଠାରୁ ଅନେକ କିଛି ଶିଖିବାକୁ ମିଳିଥାଏ। ପରିବାର ସଦସ୍ୟଙ୍କ ସଂଘର୍ଷ ଓ ତ୍ୟାଗ ବି ଏଥିପାଇଁ ଏକ ମାଧ୍ୟମ ସାଜିଥାଏ। ତେଣୁ ପିଲାବେଳରୁ ପ୍ରଥମେ ପରିବାରରେ ସମସ୍ତଙ୍କଠାରୁ ଶିଖିବା ଦରକାର। ସେମାନଙ୍କ ଭଲ ଗୁଣ ସବୁକୁ ନିଜ ଜୀବନରେ ପ୍ରୟୋଗ କରିବା ପାଇଁ ପ୍ରୟାସ ବି କରିବା ଦରକାର। ସେହିଭଳି ପ୍ରେରଣାର ଆଉ ଏକ ପ୍ରମୁଖ ମାଧ୍ୟମ ହେଉଛି ଶିକ୍ଷା। ଜ୍ଞାନ ହିଁ ସବୁ ଅନ୍ଧକାର ଦୂର କରି ଆଗକୁ ଯିବାର ମାର୍ଗ ଖୋଲିଥାଏ। ଆଉ ଏହା ପ୍ରାରମ୍ଭିକଭାବେ ସମ୍ଭବ ହୋଇଥାଏ ବିଦ୍ୟାଳୟରେ। ଏହିଠାରେ ପିଲାମାନେ ପାଠ ସହିତ ଭଲ ବ୍ୟବହାର, ନୈତିକତା ଆଦି ବିଭିନ୍ନ ବିଷୟରେ ଶିକ୍ଷା ନେଇଥାନ୍ତି। ଶିକ୍ଷକଙ୍କଠାରୁ ବିଭିନ୍ନ ପ୍ରେରଣାଦାୟକ କଥା ଶୁଣିଥାନ୍ତି। ଏମିତିକି କେଉଁମାନଙ୍କଠାରୁ ପ୍ରେରଣା ନେଇ ସଫଳତାର ରାସ୍ତାରେ ଆଗକୁ ବଢ଼ିହେବ ସେନେଇ ମଧ୍ୟ ଜାଣିପାରନ୍ତି ବିଦ୍ୟାଳୟରୁ।

## ବହି


ଜୀବନରରେ ସବୁଠୁ ଭଲ ବନ୍ଧୁ ହେଉଛି ପୁସ୍ତକ। ଏହା ସମସ୍ତଙ୍କୁ ଜଣା। ପୁସ୍ତକ ହେଉଛି ଏଭଳି ଏକ ମାଧ୍ୟମ ଯାହା ଦ୍ୱାରା ଆମେ ସବୁକିଛି କରିପାରିବା। ସବୁ ସଫଳତା ପାଇଁ ଏହାର ଗୁରୁତ୍ୱ ଢେର୍ ଅଧିକ। ଜୀବନର ସବୁ କ୍ଷେତ୍ରରେ ଆବଶ୍ୟକ ହେଉଥିବା ଜ୍ଞାନ ପୁସ୍ତକରୁ ହିଁ ମିଳିଥାଏ। ନିଜ ନିଜ ଆବଶ୍ୟକତା ଅନୁସାରେ ସବୁପ୍ରକାରର ବହି ଆଣି ପଢ଼ିଲେ ଅନେକ କିଛି ଶିଖିବାକୁ ମିଳିଥାଏ। ଏମିତିକି ଗପ, ଉପନ୍ୟାସ କିମ୍ବା ଆଧାତ୍ମିକ ପୁସ୍ତକ ବି ଆମକୁ ବିଭିନ୍ନ ପ୍ରକାରର ଶିକ୍ଷା ଦେଇଥାନ୍ତି। ତେଣୁ ପିଲାମାନେ ପଢ଼ିବାର ଅଭ୍ୟାସ ବଢ଼ାଇବା ଦରକାର। ଆଉ ଏହି ମାଧ୍ୟମ ହିଁ ସେମାନଙ୍କୁ ସବୁ ସଫଳତା ନିମନ୍ତେ ପ୍ରେରଣା ଦେଇପାରିବ।

## ଉତ୍ତମ ବନ୍ଧୁ

ଭଲ ସାଙ୍ଗମାନେ ହିଁ ପ୍ରକୃତରେ ଜୀବନର ପ୍ରତି କ୍ଷେତ୍ରରେ ପ୍ରେରଣା ସାଜି ପାରନ୍ତି। ସେମାନେ ଭଲ କାମ କରିବା ପାଇଁ କିମ୍ବା ଆଗକୁ ବଢ଼ିବା ପାଇଁ ଉଚିତ ପରାମର୍ଶ ଦେଇଥାନ୍ତି। ତେଣୁ ଭଲ ସାଙ୍ଗଙ୍କ ସହିତ ମିଶିବା ସତ୍‌ସଙ୍ଗ ଭଳି ପ୍ରଭାବ ପକାଇଥାଏ। ଜୀବନର ପ୍ରତିଟି କ୍ଷେତ୍ରରେ ସେମାନେ ନିଜେ ଶିଖିଥିବା ସବୁ ଭଲ କଥା ଜଣାଇଥାନ୍ତି ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ବାଟ କଢ଼େଇ ନେବାରେ ମାଧ୍ୟମ ସାଜନ୍ତି।

## ସଫଳ ବ୍ୟକ୍ତି ଓ ମହାପୁରୁଷ

ମହାନ୍ ବ୍ୟକ୍ତିଙ୍କ ଜୀବନ ଚରିତ୍ର ଓ ସେମାନଙ୍କ କାର୍ଯ୍ୟକଳାପ ସମସ୍ତଙ୍କ ପାଇଁ ପ୍ରେରଣା ହୋଇପାରେ। ତେଣୁ ପିଲାମାନେ ସେଭଳି ବ୍ୟକ୍ତିଙ୍କ ଜୀବନୀ ସମ୍ପର୍କରେ ଜାଣିବା ଦରକାର। ସେଥିପାଇଁ ସ୍କୁଲମାନଙ୍କରେ ବି ମହାପୁରୁଷଙ୍କ ସମ୍ପର୍କରେ ପିଲାଙ୍କୁ ଶିକ୍ଷା ଦିଆଯାଏ। ସେମାନଙ୍କ ଜୀବନକୁ ଅନୁଧ୍ୟାନ କଲେ କଷ୍ଟ ଓ ପ୍ରତିକୂଳ ପରିସ୍ଥିତିରେ ବି ସଂଗ୍ରାମ କରିବା ପାଇଁ ପ୍ରେରଣା ମିଳିଥାଏ।



## ଏମାନେ କ'ଣ କରନ୍ତି

### ଘରୁ ମିଳେ ପ୍ରେରଣା



ଘରେ ସବୁବେଳେ ବାବା ମତେ ବିଭିନ୍ନ କଥା କହି ପ୍ରେରଣା ଦିଅନ୍ତି। ସେ ହିଁ ସବୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଜୀବନ ସମ୍ପର୍କରେ ବର୍ଣ୍ଣନା କରି ସେମାନଙ୍କ ଉଦାହରଣ ଦେଇ ମତେ ଭଲ କାମ କରିବାକୁ କହନ୍ତି। ଏମିତିକି ମୋ ଜେଜେଙ୍କର ବହୁ ପରୋପକାର କାମ ବିଷୟରେ ଉଦାହରଣ ଦିଅନ୍ତି। ସ୍କୁଲରେ ଆମ କ୍ଲାସ ଟିଚର ବି ବିଭିନ୍ନ ପ୍ରକାରର ଗପ କହି ଆମକୁ ଶିକ୍ଷା ଦିଅନ୍ତି। ତେଣୁ ତାଙ୍କଠାରୁ ଭଲ କାମ କରିବା ପାଇଁ ପ୍ରେରଣା ମିଳିଥାଏ। କିନ୍ତୁ ବାବା ମତେ ସବୁ ଦିନ ବିଭିନ୍ନ କଥା କହନ୍ତି। ପାଠ ବିଷୟରେ ବି କେମିତି ସକାରାତ୍ମକ ମନ ନେଇ ପଢ଼ିବାକୁ ହେବ ଓ ପ୍ରତିକୂଳ ପରିସ୍ଥିତିରେ କେମିତି ବୈଜ୍ଞାନିକମାନେ ସଂଘର୍ଷ କରି ସଫଳତା ପାଇଛନ୍ତି ସେକଥା କୁହନ୍ତି। ବେଳେବେଳେ ପୁରାଣ କଥା କହି ସେଥିରୁ କେମିତି ଶିକ୍ଷା ପାଇ ଆମେ ଭଲ ପିଲା ହୋଇପାରିବା ସେକଥା ବି କହନ୍ତି। ତେଣୁ ଘରେ ବାବା ହିଁ ମୋ ପାଇଁ ସବୁଠୁ ବଡ ପ୍ରେରଣା। ସମସ୍ତଙ୍କଠାରୁ କିଭଳି ଭଲ ଗୁଣକୁ ଦେଖି ଶିକ୍ଷା ଲାଭ କରିହେବ ଏକଥା ଘରେ ତାଙ୍କଠାରୁ ହିଁ ଶିଖିଛି।

**-ଆୟୁଷ୍ମାନ୍ ମହାନ୍ତି,** କ୍ଲାସ-୬, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

### କଲାମଙ୍କ ଜୀବନୀ ପ୍ରେରଣା ଦେଇଛି



ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ଜୀବନୀ ମତେ ବେଶି ପ୍ରଭାବିତ କରିଛି। ଭଲ ମଣିଷ ହେବା ପାଇଁ ତାଙ୍କ ଠାରୁ ପ୍ରେରଣା ପାଇଛି। ସେଥିପାଇଁ ତ ବହୁତ ପରିଶ୍ରମ କରୁଛି। ମିସାଇଲ୍ ମ୍ୟାନ୍ ଆଜି ନାହାନ୍ତି ସତ କିନ୍ତୁ ତାଙ୍କ ଲାଇଫଷ୍ଟାଇଲ୍ ସବୁବେଳେ ପ୍ରେରଣାଦାୟକ ହୋଇ ରହିବ। ତାଙ୍କ ପିଲାଦିନର କାର୍ଯ୍ୟକଳାପ ବିଷୟରେ ଥରେ ଟିଉଶନ ସାର୍‌ଙ୍କଠାରୁ ଶୁଣିଥିଲି। ସେହି ଦିନରୁ ତାଙ୍କ ପ୍ରତି କେମିତି ଗୋଟେ ଭିନ୍ନ ଆକର୍ଷଣ ରହିଯାଇଛି। ତାଙ୍କ ଭଳି ଆହୁରି ବହୁ ମହାପୁରୁଷଙ୍କଠାରୁ ପ୍ରେରଣା ମିଳିଥାଏ ବୋଲି ସେମାନଙ୍କ ଜୀବନୀ ସମ୍ପର୍କରେ ଜାଣିବାକୁ ପ୍ରବଳ ଆଗ୍ରହ ଥାଏ। ଏଥିପାଇଁ ସେସମ୍ପର୍କିତ ବହିସବୁ ପଢ଼ିବାକୁ ଭଲ ଲାଗେ।

**-ଅମ୍ରିତା ସ୍ୱାଇଁ,** କ୍ଲାସ-୭, ଡକ୍ଟର ଦେବମହାନ୍ତି ପବ୍ଲିକ ସ୍କୁଲ, ନିଶ୍ଚିନ୍ତକୋଇଲି, କଟକ

୧



**ଅଭିଳାଷା ମହାପାତ୍ର**
କ୍ଲାସ୍- ୭, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
କଳିଙ୍ଗନଗର,
ଭୁବନେଶ୍ୱର

**ଜିସାନ୍ତ ପଟ୍ଟନାୟକ**
କ୍ଲାସ୍- ୧,
ବିଜେଇଏମ୍
ସ୍କୁଲ ୧,
ଭୁବନେଶ୍ୱର



୨

୩



**ଆର୍ଯ୍ୟମାନ ସାଗର ଦାସ**
କ୍ଲାସ୍-୬, ବିକାଶ କନ୍‌ସେପ୍ଟ
ସ୍କୁଲ, ଶାସନ, ସମ୍ବଲପୁର

**ତନିଶା ଓଝା**
କ୍ଲାସ୍- ୪,
ଡିଏଭି ସ୍କୁଲ,
ଝାରସୁଗୁଡା



୪

୫



**ଆଦ୍ୟାଶା ପରିଡ଼ା**
କ୍ଲାସ୍- ୭, ପୋଦର
ଇଣ୍ଟରନ୍ୟାଶନାଲ
ସ୍କୁଲ, ନେରୁଲ,
ନଭି ମୁମ୍ବାଇ,ମୁମ୍ବାଇ

**ପ୍ରତୀକ୍ଷା ମିଶ୍ର**
କ୍ଲାସ୍- ୮, ସେଣ୍ଟ
ଜାଭିୟର୍ସ ଇଣ୍ଟରନ୍ୟାଶନାଲ
ସ୍କୁଲ, ଉମାପଡ଼ା,
ଯାଜପୁର




୬

୭




**ବିସ୍ମୟୀ ମିଶ୍ର**
କ୍ଲାସ୍-୯,
ଦିଲ୍ଲୀ ପବ୍ଲିକ ସ୍କୁଲ,
ଗାଜିଆବାଦ,
ଦିଲ୍ଲୀ





୧



୨



୩




୪



୫



୬



୭



# କବିତା

## ଶ୍ରାବଣ ମାସ

ଧାରା ଶିରାବଣ ଧରାକୁ ଆସିଛି
ଆକାଶୁ ଝରୁଛି ନୀର,
ଗ୍ରୀଷମ ପ୍ରଭାବ ଅପସରି ଗଲା
ବହେ ଶୀତଳ ସମୀର ।
ଶ୍ରାବଣ ମାସର ପ୍ରତି ସୋମବାର
ଅଟଇ ପବିତ୍ର ଦିନ,
ସେ ଦିନ ଭକତ ହୋଇ ଏକତ୍ରିତ
ଶମ୍ଭୁଙ୍କୁ କରାନ୍ତି ସ୍ନାନ ।
ନଦୀ ଘାଟୁ ଭରି କଳସୀରେ ଜଳ
ଶିକା ବାହୁଙ୍ଗି ସଜାଇ,
ଧାଡ଼ି ଧାଡ଼ି ହୋଇ ଚାଲିଥାନ୍ତି ଭକ୍ତେ
'ବୋଲ୍ ବମ୍' ଡାକ ଦେଇ ।
ଅଳଙ୍କାର ପ୍ରିୟ ପ୍ରଭୁ ଜଗନ୍ନାଥ
ମୋଦକ ପ୍ରିୟ ଗଣେଶ,
କେବଳ ମାତ୍ରକ ଜଳଦାନେ ତୁଷ୍ଟ
ହୋଇଥା'ନ୍ତି ଆଶୁତୋଷ ।
ଭକତଙ୍କ ଭାବ ବୁଝି ସଦାଶିବ
ଯାଚି ଦେଇଥା'ନ୍ତି ବର,
ବୃଷଭ ବାହନ ଜୟ ପଞ୍ଚାନନ
ଜୟ ହେ ଶିବ ଶଙ୍କର ।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୭୯୨୪୮୩୩୭୭

## ପଢ଼ିବା ପାଇଁ

ମୁନାମୁନି ଯିବେ ପଢ଼ିବା ପାଇଁ
କିଏ କିଏ ଯିବ ଆସରେ ବେଗି ।
ଭାବିବନି ସେଠି କାହାକୁ ଭିନ୍ନ
ମଧୁର ବଚନେ ତୋଷିବ ମନ ।
ସାଙ୍ଗସାଥି ହୋଇ ଯାଅରେ ଧାଇଁ
ପଢ଼ାଇବେ ସେଠି ତୁମକୁ ଗୁରୁ
ପାଠେ ଠକିବନି ତୁମେ ଜମାରୁ
ଗୁରୁଜୀଙ୍କ କଥା ରଖି ଧ୍ୟାନରେ
ଘୋଷୁଥିବ ଲେଖି ଟିପା ଖାତାରେ ।
ପାଠରେ ଅଳସ ହୋଇବ ନାଇଁ
ବିଦ୍ୟାଳୟେ ବସି ପଢିବ ପାଠ
ପାଠ ପଢ଼ି ହେବ ଉତ୍ତମ ଚାଟ
ରଖିବନି କେବେ ପାଠରେ ଡର
ପାଠରେ ରହିଛି ଭଲ ସଂସ୍କାର ।
ସ୍କୁଲ ଅଟେ ଆମ ବିଦ୍ୟାର ଭୂଇଁ
ସହପାଠୀ ସଙ୍ଗେ ହୋଇଣ ମେଳ
ଖେଳବେଳେ ତୁମେ ଖେଳିବ ଖେଳ
ବହି ବସ୍ତାନିକୁ କାନ୍ଧରେ ଧରି
ସ୍କୁଲରୁ ଆସିବ ଆନନ୍ଦେ ଫେରି ।

**– ରାମ ଚନ୍ଦ୍ର ପ୍ରଧାନ**
ଆସିକା,ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ତାଳି

ଦୁଇ ପାପୁଲିକୁ ଏକାଠି ପିଟିଲେ
ଛୁଟି ଆସେ ତାଳି ଶବଦ
କି ଯାଦୁ ରହିଛି ତାଳି ଶବଦରେ
ଘୁଞ୍ଚାଇ ଦିଏ ଅବସାଦ ।
ତାଳି ତାଳି ମାରି କହି ବନମାଳୀ
ମାଆ ଯେବେ ଗେଲ କରଇ
ମନର ବେଦନା ହଜିଯାଏ ସିନା
ଆପେ ହସ ମୁଖେ ଛୁଟଇ ।
କାହାର ଭାଷଣ ଛୁଇଁଲେ ହୃଦୟ
ଛୁଟି ଆସେ ଆପେ ତାଳିରେ
କରତାଳି ଶବ୍ଦ ବାଜିଲେ କାନରେ
ପ୍ରେରଣାଟି ମନେ ଭରଇ ।

**– ଦୀନବନ୍ଧୁ ପୋଇ**
ଗୋରଡାପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୦୨୪୧୨

## ବର୍ଷାଋତୁ ଆସିଛି

ଟୁପୁରୁ ଟୁପୁରୁ ବରଷା ପଡୁଛି
ବର୍ଷାଋତୁ ପରା ଆସିଛି
ଟିପ୍ ଟିପ୍ ଟିପ୍ ଗଛ ପତରରୁ
ମଧୁର ଶବଦ ଶୁଭୁଚି ।
କଳାହାଣ୍ଡି ମେଘ ଆକାଶକୁ ପୂରା
କମଳ ଭଳିଆ ଡାଙ୍କିଛି
ବିଜୁଳି ମାରିଲେ କେଉଁଠି ଲୁଚିଛି
ବେଙ୍ଗୁଲି ରଡ଼ିଟେ ଦେଉଛି ।
ଟାଣୁଆ ଖରାର ଝାଉଁଳା ପତର
ମୁରୁକି ମୁରୁକି ହସୁଛି
ବାପାଙ୍କ ସାଙ୍ଗରେ ଅଝଟ ଲଗାଇ
ଟିନି ନୂଆ ଛତା କିଣିଛି ।
ନୂଆ ବହି ସେଟ୍ ବସ୍ତାନି ସଜେଇ
ବରଷାରେ ସ୍କୁଲ ଯାଉଛି
ସ୍ନିଗ୍ଧ ସମୀର ପରଶେ ଧରାରେ
ସଜଫୁଟା ହସ ଝରୁଛି ।

**– ଡ. ନଳିନୀ ଦାସ**
ଖଣ୍ଡଗିରି ବାରି, ଭୁବନେଶ୍ୱର



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଅଧା ସେକେଣ୍ଡରେ କ୍ୟୁବ ସମାଧାନ

ବାରମ୍ବାର ଅଭ୍ୟାସ କଲେ ରୁବିକ୍ କ୍ୟୁବ୍ ସମାଧାନ କରିବା ପାଇଁ ହୁଏତ କିଛି ମିନିଟ୍ ଲାଗିପାରେ । ମାତ୍ର ୧ ସେକେଣ୍ଡରୁ ବି କମ୍ ସମୟରେ କେହି କେବେ ଏହି ସମାଧାନ କରିପାରିବ ବୋଲି ଭାବିବା ମଧ୍ୟ ଅବାସ୍ତବ ଲାଗିପାରେ । ହେଲେ ଏକଥାକୁ ସତ କରିପାରିଛି ଏକ ରୋବୋ । ମାତ୍ର ୦.୩୦୫ ସେକେଣ୍ଡରେ ରୁବିକ୍ କ୍ୟୁବ ସମାଧାନ କରି ଏହି ରୋବୋ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି । ଜାପାନର ମିତ୍ସୁବିସି ଇଲେକ୍ଟ୍ରିକ୍ କର୍ପୋରେଶନର କମ୍ପୋନେଣ୍ଟ ପ୍ରଡକ୍ସନ ଇଞ୍ଜିନିୟରିଂ ସେଣ୍ଟରରେ ନିର୍ମିତ ହୋଇଛି ଏହି ରୋବୋ । ଟୋକିଓରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋବୋକୁ କ୍ୟୁବ ସମାଧାନ ନିମନ୍ତେ ଦିଆଯାଇଥିଲା । ୧ ସେକେଣ୍ଡରୁ କମ୍ ସମୟ ଅର୍ଥାତ୍ ରୋବୋ ଆଖିପଲକ ମାତ୍ରକେ କ୍ୟୁବ ସମାଧାନ କରିପାରିଥିଲା । ତେଣୁ ଏହି ରୋବୋ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି ।



# ଏଥରର



- ବିଶ୍ୱ ଭାରୋତ୍ତଳନରେ କିଏ ସର୍ବକନିଷ୍ଠ ବକ୍ସିଂ ଚାମ୍ପିୟନ ?
- କେଉଁ ଖେଳକୁ 'ଦି ସ୍ପୋର୍ଟସ ଅଫ୍ କିଙ୍ଗ୍' ବା ରାଜାଙ୍କ ଖେଳ ବୋଲି କୁହାଯାଏ ?
- ତୀରନ୍ଦାଜରେ ଟାର୍ଗେଟ ଥିବା ଲକ୍ଷ୍ୟସ୍ଥଳର କେନ୍ଦ୍ରବିନ୍ଦୁର ରଙ୍ଗ କିପରି ?
- କେଉଁ ଦେଶ ପ୍ରଥମେ ରଗ୍‌ବୀ ୱାର୍ଲଡ କପ୍ ବିଜେତା ହୋଇପାରିଥିଲା ?
- 'ପ୍ରାଇଡ୍ ଆଣ୍ଡ ପ୍ରିଜୁଡାଇସ୍' କିଏ ଲେଖିଛନ୍ତି ?

## ଗତଥରର ଉତ୍ତର

- ଫ୍ଲୋରିଡା
- ଭାଟିକାନ୍ ସିଟି
- ମାଦ୍ରିଦ୍
- ଜେମ୍ସ କାମେରନ୍
- ଏଫ୍. ସ୍କଟ୍ ଫିଟ୍‌ଜେରାଲ୍ଡ




## କହିଲ ଦେଖି



ସରଗ ରାଇଜେ ଘରଟି ତାର
ଇଚ୍ଛା ହେଲେ ସେଥୁ ହୁଏ ବାହାର
ଟପର ଟପର କରି,
ନଈ ନାଳ ସବୁ ଭରି ଦେଇଯାଏ
ଧରଣୀକୁ ଅବତରି ।
କହିଲ କିଏ ସେ ରାଜା, ମଞ୍ଚି କରିଦିଏ ଗଜା ?

ଉତ୍ତର: **ଇନ୍ଦ୍ର ରାଜା**



ମଳଟି ତାହାର ଏତେ ପବିତ୍ର ଯେ
ଖୋଜା ପଡୁଥାଏ ପୂଜା ବିଧିରେ,
ଘର ଲିପାପୋଛା କାମରେ ଆସଇ
ଶୁଦ୍ଧ ପାଇଁ ପଡେ ଗାଆଁ ଦାଣ୍ଡରେ,
ଦେବୀ ହୋଇ ପୁଣି ପୂଜା ପାଉଛନ୍ତି
ହିନ୍ଦୁ ଧରମର ମାଆ ରୂପରେ ।
କ୍ଷୀର ଦିଏ ସିଏ ଭାରି ବଢିଆ
କହିଲ ଦେଖି ସେ ମାଆର ନାଆଁ ?

ଉତ୍ତର: **ଗୋମାତା**



ଦେହ ସାରା କଣ୍ଟା ସିନା, ରୂପ ଭାରି ବଢିଆ
କୋଉ ଗଛେ ହଳଦିଆ,କୋଉ ଗଛେ ଲାଲିଆ
ବାହାଘର ଭୋଜିରେ ବି ଆଦର ଏ ଫୁଲର
ସିଏ ଥିଲେ ସଭା ମଞ୍ଚ ହୋଇଯାଏ ସୁନ୍ଦର,
ପ୍ରେମର ପ୍ରତୀକ ହୋଇଛି ସିଏ
କହିଲ ଦେଖି ସେ ସୁନ୍ଦରୀ କିଏ ?

ଉତ୍ତର: **ଗୋଲାପ**



ଅଜା ଚାଲୁଥିଲେ ହାତରେ ଥାଏ
ଅଜା ରାଗିଗଲେ ବାଡେଇ ଦିଏ ।
ଜୀବନ ନ ଥାଇ, ମାଟିକୁ ଛୁଏଁ
ଠୁକୁ ,ଠୁକୁ, ଠୁକୁ ଶବଦ ଦିଏ
କହିଲ ଦେଖି ତା ନାଁ କି ବାଡ଼ି
ଲୋଡ଼ାପଡେ ହେଲେ ବୁଢ଼ା ଓ ବୁଢ଼ୀ ?

ଉତ୍ତର : **ବଙ୍କୁଲିବାଡ଼ି**



ଅଳସୁଆ ନୁହେଁ ସେଇ ଜୀବଟି
ଖୁଦ ଚାଉଳକୁ ନିଅଇ ଖୁଣ୍ଟି
ପେଟ ପୂରିଗଲା ପରେ,
ଭବିଷ୍ୟତ ପାଇଁ ସଞ୍ଚି ରଖିଥାଏ
କିଏ ସେ ନିଜ ଗାତରେ ?

ଉତ୍ତର: **ପିମ୍ପୁଡ଼ି**

**– ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡିଆ, ଯାଜପୁର , ମୋ: ୮୧୧୮୦୯୯୦୩୮

# ମାଓସିନରାମ

ଏବେ ତ ବର୍ଷାଋତୁ ଚାଲିଛି। ଚାରିଆଡ଼େ ବର୍ଷା ହେଉଛି। ସମସ୍ତେ ଜାଣିଛନ୍ତି ଆସାମର ଚେରାପୁଞ୍ଜିରେ ସବୁଠାରୁ ଅଧିକ ବର୍ଷା ହୁଏ। କିନ୍ତୁ ଏବେ ଆଉ ଏକ ସ୍ଥାନକୁ ଏହି ତାଲିକାରେ ସାମିଲ କରାଯାଇଛି ଏବଂ ସେହି ସ୍ଥାନରେ ସବୁଠାରୁ ଅଧିକ ବର୍ଷା ହେଉଥିବା ସ୍ଥାନ ଭାବରେ ଗ୍ରହଣ ମଧ କରାଯାଇଛି। ଉକ୍ତ ସ୍ଥାନଟି ହେଲା ମାଓସିନରାମ, ଯାହା ମେଘାଳୟରେ ଅବସ୍ଥିତ। ଚେରାପୁଞ୍ଜିଠାରୁ ଏଠାରେ ପ୍ରାୟ ପ୍ରତିବର୍ଷ ବର୍ଷାଦିନେ ୧୦୦ ମିଲିମିଟର ଅଧିକ ବର୍ଷା ହୁଏ। ସାଧାରଣତଃ ଏହି ଦିନରେ ଅଧିକାଂଶ ଲୋକ ଘରେ ବସି ବର୍ଷାର ମଜା ନେଇଥାନ୍ତି। କାହିଁକି ନା ଏହି ଦିନରେ ପାଗ ବହୁତ ଥଣ୍ଡା ରହିଥାଏ। ଯଦି ପ୍ରବଳରୁ ଅତି ପ୍ରବଳ ବର୍ଷା ହେଲା, ତେବେ ନଦୀଗୁଡ଼ିକ କୂଳ ଲଙ୍ଘେ ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ। ମାଓସିନରାମରେ ଅଧିକ ବର୍ଷା ହେବାର କାରଣ ଏହାର ଭୌଗୋଳିକ ସ୍ଥିତି। ଏହି ଗାଁଟି ମେଘାଳୟର ରାଜଧାନୀ ଶିଲଂଠାରୁ ପ୍ରାୟ ୬୦କି.ମି ପୂର୍ବ ଖାସି ପାହାଡ଼ ଉପରେ ଅବସ୍ଥିତ।






# ଦାମୀ ପୋକ

ଗୋଟିଏ ପୋକ ଦେଖିବାକୁ ବେଶ୍ ଛୋଟ ଆଉ ଏମାନେ ଅପରିଷ୍କାର ସ୍ଥାନରେ ରହିଥାଆନ୍ତି। କିନ୍ତୁ ଏଭଳି ଏକ ପୋକ ଅଛି, ଯାହାର ମୂଲ୍ୟ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ। କେବଳ ସେତିକି ନୁହେଁ, ଉକ୍ତ ପୋକର ଚାହିଦା କାହିଁରେ କେତେ। ତାହାକୁ ଯେମିତି ହେଲେ କିଣିବାକୁ କେତକେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଆନ୍ତି। ହେଲେ ତାହାର ଦାମ୍ କେତେ ସେକଥା ଜାଣିବା ନିହାତି ଦରକାର। ଏହି ପୋକଟିର ଦାମ



ଏକ କାର୍ ଦାମ୍‌ଠାରୁ ବି ଅଧିକ। ଏହାର ଦାମ୍ ୭୫ ଲକ୍ଷ। ହେଲେ ଏହି ପୋକରେ ଏମିତି କ'ଣ ବିଶେଷତ୍ୱ ଅଛି ଯେ ତାହାକୁ କିଣିବାକୁ ଅନେକ ଆଗ୍ରହ ପ୍ରକାଶ କରନ୍ତି। ଲୋକମାନଙ୍କର ଦୃଢ଼ ବିଶ୍ୱାସ ଯେ ଉକ୍ତ ପୋକକୁ ଘରେ ରଖିଲେ ଧନ ଦୌଲତ ଆଶାତୀତ ଭାବରେ ବୃଦ୍ଧି ହୋଇଥାଏ। ତେଣୁ ଏହାକୁ କିଣିବାକୁ ଆଶାୟୀ ଲୋକଙ୍କୁ ବହୁତ କସରତ କରିବାକୁ ମଧ ପଡ଼ିଥାଏ। ଏହି ପୋକର ନାମ ହେଲା 'ଷ୍ଟାଗ୍ ବିଟିଲ୍'। ଉକ୍ତ ପୋକଟିକୁ ଦୁନିଆର ସବୁଠାରୁ ମହଙ୍ଗା ପୋକ ଭାବରେ ଗ୍ରହଣ କରାଯାଇଛି। ଏହାର ଓଜନ ହେଉଛି ମାତ୍ର ୨-୬ ଗ୍ରାମ ଏବଂ ଏଗୁଡ଼ିକ ୩-୭ ବର୍ଷ ପର୍ଯ୍ୟନ୍ତ ବଞ୍ଚି ଥାଆନ୍ତି। ପୁରୁଷ ଷ୍ଟାଗ୍ ବିଟିଲର ଲମ୍ବ ୩୫-୭୫ ମିଲିମିଟର ଏବଂ ମାଈ ଷ୍ଟାଗ୍ ବିଟିଲ୍‌ର ଲମ୍ବ ୩୦-୫୦ ମିଲିମିଟର ହୋଇଥାଏ। ମିଠା ତରଳ ପଦାର୍ଥ ଏବଂ ପଚା ଫଳମୂଳ ରସକୁ ଏମାନେ ଖାଇଥାଆନ୍ତି। ଏମାନେ କଟାଯାଇଥିବା କାଠ,ଗାର୍ଡେନ ଏବଂ ରାସ୍ତାକଡ ଗଛରେ ଦେଖିବାକୁ ମିଳିଥାନ୍ତି।


# ଛତା ଇତିହାସ

ମୌସୁମୀ ଆସିଲାମାତ୍ରେ ଛତାର ବ୍ୟବହାର ବଢ଼ିଯାଇଥାଏ। ଛତା ବର୍ଷା ଏବଂ ଖରା ଦୁଇଟିରୁ ରକ୍ଷା କରିଥାଏ। ଆଜିର ସମୟରେ ଛତାର ବିଭିନ୍ନ ରଙ୍ଗ ଦେଖିବାକୁ ମିଳୁଛି, ଯାହାର ବ୍ୟବହାର ଲୋକମାନେ କରୁଛନ୍ତି। ଛତାର ଉଦ୍ଭାବନ ପ୍ରଥମେ ଚାଇନିଜ୍‌ମାନେ କରିଥିଲେ। ଛତାକୁ ଇଂରାଜୀରେ ଅମ୍ବ୍ରେଲା କୁହାଯାଏ। ଏହି ଇଂରାଜୀ ଶବ୍ଦଟି ଲାଟିନ୍ ଭାଷା ଶବ୍ଦ ଅମ୍ବ୍ରାରୁ ଆସିଛି, ଯାହାର ଅର୍ଥ ହେଲା ଛାୟା। ଏହି ଛତାର ଇତିହାସ ପ୍ରାୟ ୪,୦୦୦ ବର୍ଷର ପୁରୁଣା ହେବ। ଐତିହାସିକଙ୍କ ଅନୁସାରେ ଆରମ୍ଭରୁ ଛତାର ବ୍ୟବହାର ଖରା ପାଇଁ କରାଗଲା। ତା'ପରେ ବର୍ଷା ପାଇଁ ବ୍ୟବହାର କରାଗଲା। ବ୍ରିଟେନ୍‌ରେ ସୋଭେନିୟର ରୂପେ ଏହାକୁ ବ୍ୟବହାର ହେଉଥିବା କାରଣରୁ ଏହା ଅଧିକ ବିକ୍ରି ହୁଏ।



# ଲମ୍ବା ସାପ

ପିଲାଏ ! ତୁମେମାନେ ତ ସାପ ଦେଖିଥିବ। ଏହା ଏକ ଭୟଙ୍କର ସରୀସୃପଜାତୀୟ ପ୍ରାଣୀ, ଯାହା ପାଖକୁ ଯିବାକୁ ପ୍ରାୟ ସମସ୍ତେ ଡରିଥାନ୍ତି। ହେଲେ ସାପଧରାଳି ଏମାନଙ୍କୁ ଅନାୟାସରେ ଧରିପାରନ୍ତି। ଆମ ଦେଶରେ ଏଭଳି ଏକ ସାପ ଦେଖାଯାଏ, ଯାହାକୁ ବିଶ୍ୱର ସବୁଠାରୁ ବଡ଼ ସାପର ମାନ୍ୟତା ମିଳିଛି। ଏହି ସାପ ଦେଖିବାକୁ ଭୟଙ୍କର ଏବଂ ଭାରି ବିଷାକ୍ତ। ଯଦି ଜଣେ କେହି ଏହା କବଳରେ ପଡ଼ିଯାଏ, ତେବେ ମୃତ୍ୟୁ ନିଶ୍ଚିତ। ଉକ୍ତ ସାପଟିର ନାମ କିଙ୍ଗ କୋବ୍ରା, ଯାହାର ଲମ୍ବ ପାଖାପାଖି ୧୦-୧୨ ଫୁଟ। ଏମାନଙ୍କୁ ଦେଖିବାମାତ୍ରେ ସେମାନଙ୍କ ନିକଟରୁ ନିଜକୁ ଦୂରେଇ ରଖିବା ଆବଶ୍ୟକ। ସାପଟି ଯଦି କାହାକୁ ଚୋଟ ମାରିଲା, ତେବେ ସଂପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପ୍ରାୟ ନିଶ୍ଚିତ। ଆଉ ବିଶ୍ୱର ସବୁଠାରୁ ଲମ୍ବା ସାପ ଭାବରେ ପରିଗଣିତ 'କିଙ୍ଗ କୋବ୍ରା' ଭାରତରେ ଅଧିକ ମାତ୍ରାରେ ଦେଖିବାକୁ ମିଳନ୍ତି।



# ଆ ଇ ନା



ଦିବ୍ୟଶ୍ରେୟା ବେହେରା

୫ ବର୍ଷ/ଗଞ୍ଜାମ



ନୈବେଦ୍ୟା ମହାନ୍ତି

୬ ବର୍ଷ/ଭୁବନେଶ୍ୱର